ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀଙ୍କ କାର୍ଯ୍ୟାଳୟ, ତିର୍ତ୍ତୋଲ

ପତ୍ର ସଂଖ୍ୟା: ୧୧୧୨

ତାରିଖ:୧୫/୧୦/୨୦୨୬

ଏତଦ୍ବାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ଶିଶୁ ବିକାଶ ପ୍ରକଳ୍ପ ତିର୍ତ୍ତୋଲ ଅନ୍ତର୍ଗତ ନିମ୍ନୋକ୍ତ ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକ ର ଅଙ୍ଗନୱାଡି ସହାୟିକା ପଦବୀ ପୂରଣ ନିମନ୍ତେ ଅବଶ୍ୟକୀୟ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନଙ୍କଠାରୁ online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ ଇଛୁକ ମହିଳା ପ୍ରାର୍ଥିନୀ ମାନେ (http://engagement-awc.odisha.gov.in) ରେ (public login) ମାଧ୍ୟମରେ ଆବେଦନ କରିପାରିବେ । ଏହା ବ୍ୟତୀତ ଅଫଲାଇନ ଆବେଦନ ଗ୍ରହଣ କରାଯିବ ନାହିଁ । ଓଡିଶା ସରକାର ଙ୍କ ମହିଳା ଓ ଶିଶୁ ବିଭାଗ ପତ୍ର ସଂଖ୍ୟା ୪୯୭୦ / WCD-ICDS-G-MISC-0033-2022 / ତା: 15.03.2023 ରିଖ ଅନୁସାରେ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନେ ସମସ୍ତ ଯୋଗ୍ୟତା ର ପ୍ରମାଣପତ୍ର ନିର୍ଦ୍ଧାରିତ ତାରିଖ ମଧ୍ୟରେ upload କରି ଆବେଦନ କରିପାରିବେ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ସହାୟିକା ପଦବୀ ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ରର ଓ ଆବେଦନ ପ୍ରକ୍ରିୟା ର ସବିଶେଷ ବିବରଣୀ

କ୍ର ସଂ ଖ୍ୟା	ପଞ୍ଚାୟତ ର ନାମ	ଅଙ୍ଗନୱାଡି କେନ୍ଦ୍ର ର ନାମ	ଗ୍ରାମ ର ନାମ	କେନ୍ଦ୍ରାଞ୍ଚଳ	ଦରଖାସ୍ତ ଆବେଦନ କରି ବାର ସମୟ ସୀମା	ମୂଳ ପ୍ରମାଣ ପତ୍ର ର ଯାଞ୍ଚ ତାରିଖ ଓ ସମୟ	ଆପତି / ଅଭିଯୋଗ ଦାଖଲ କରିବା ର ସମୟ ସୀମା
୧	ଜଡତିରା	ବନ୍ଧବାଟି	ବନ୍ଧବାଟି	ବନ୍ଧବାଟି ଗ୍ରାମର ପରିବାର ସର୍ଭେ ଘର ସଂଖ୍ୟା ୧ (ସୁମା ବେହେରା) ଙ୍କ ଠାରୁ ପରିବାର ସର୍ଭେ ଘର ସଂଖ୍ୟା ୧୩୬ (ଏନସୁ ଦାସ) ଙ୍କ ଘର ପର୍ଯନ୍ତ	ତା ୧୬/୧୦/୨୦୨୬ ରିଖ ଠାରୁ ୩୦/୧୦/୨୦୨୬ ପର୍ଯ୍ୟନ୍ତ	୩୧/୧୦/୨୦୨୬	୦୧/୧୧/୨୦୨୬ ରୁ ୦୭/୧୧/୨୦୨୬ ପର୍ଯ୍ୟନ୍ତ
୨	ବୋଧେଇ	ଓଉପଡ଼ା	ଗୋପୀନି ମହାନ୍ତି	ଓଉପଡ଼ା ଗ୍ରାମର ପରିବାର ସର୍ଭେ ଘର ସଂଖ୍ୟା ୧ (ତପନ କୁମାର ନାୟକ) ଙ୍କ ଠାରୁ ପରିବାର ସର୍ଭେ ଘର ସଂଖ୍ୟା ୮୪ (କମଳାକାନ୍ତ ଆଚାର୍ଯ୍ୟ) ଙ୍କ ଘର ପର୍ଯନ୍ତ	ତା ୧୬/୧୦/୨୦୨୬ ରିଖ ଠାରୁ ୩୦/୧୦/୨୦୨୬ ପର୍ଯ୍ୟନ୍ତ	୩୧/୧୦/୨୦୨୬	୦୧/୧୧/୨୦୨୬ ରୁ ୦୭/୧୧/୨୦୨୬ ପର୍ଯ୍ୟନ୍ତ
୩	ପିପଳମାଧବ	ଖଦାଳ	ଖଦାଳ	ଖଦାଳ ଗ୍ରାମର ପରିବାର ସର୍ଭେ ଘର ସଂଖ୍ୟା ୧ (ଶାନ୍ତିଲତା ବର୍ଦ୍ଧନ) ଙ୍କ ଠାରୁ ପରିବାର ସର୍ଭେ ଘର ସଂଖ୍ୟା ୯୧ (ମାଗୁଣି ସାମଲ) ଙ୍କ ଘର ପର୍ଯନ୍ତ	ତା ୧୬/୧୦/୨୦୨୬ ରିଖ ଠାରୁ ୩୦/୧୦/୨୦୨୬	୩୧/୧୦/୨୦୨୬	୦୧/୧୧/୨୦୨୬ ରୁ ୦୭/୧୧/୨୦୨୬ ପର୍ଯ୍ୟନ୍ତ

					ପର୍ଯ୍ୟନ୍ତ		
୪	ଗୋପାଳ ପୁର	ପୁଟିଙ୍ଗ- ୧	ପୁଟିଙ୍ଗ	ପୁଟିଙ୍ଗ ଗ୍ରାମର ପରିବାର ସର୍ଭେ ଘର ସଂଖ୍ୟା ୧ (ନୀଳମଣି ବିଶ୍ବାଳ) ଙ୍କ ଠାରୁ ପରିବାର ସର୍ଭେ ଘର ସଂଖ୍ୟା ୧୨୨ (ରେବତୀ ନାୟକ) ଙ୍କ ଘର ପର୍ଯନ୍ତ	ତା ୧୬/୧୦/୨୦୨୬ ରିଖ ଠାରୁ ୩୦/୧୦/୨୦୨୬ ପର୍ଯ୍ୟନ୍ତ	୩୧/୧୦/୨୦୨୬	୦୧/୧୧/୨୦୨୬ ରୁ ୦୬/୧୧/୨୦୨୬ ପର୍ଯ୍ୟନ୍ତ

ଆବେଦନ କରିବା ପାଇଁ ଯୋଗ୍ୟତା :-

୧। ଆବେଦନକାରୀ କେନ୍ଦ୍ର ପରିସର ଅଞ୍ଚଳ ର ସ୍ଥାୟୀ ବସିନ୍ଦା ହୋଇଥିବେ । ଅଙ୍ଗନୱାଡି କର୍ମୀ ଙ୍କର ସର୍ଭେ ତାଲିକା ରେ ତାଙ୍କର ଘର ଅନ୍ତର୍ଭୁକ୍ତ ହୋଇଥିବ ।

୨। ଆବେଦନକାରୀ ଙ୍କର ବୟସ ତା ୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷ ରୁ କମ କିମ୍ବା ୩୫ ବର୍ଷ ରୁ ଅଧିକ ହୋଇ ନ ଥିବ

୩। ଆବେଦନକାରୀ ଙ୍କ ଶିକ୍ଷାଗତ ଯୋଗ୍ୟତା 12th / +୨ ପାସ ହୋଇଥିବା ଆବଶ୍ୟକ ।

୪। ଆବେଦନକାରୀ ଓଡିଆ ଭାଷା ରେ ସପ୍ତମ / ଦଶମ ଶ୍ରେଣୀ ପାସ କରିଥିବେ ଓ ଓଡିଆ ଭାଷା ରେ ଲେଖି ପଢି ଜାଣିଥିବେ ।

୫।ଆବେଦନକାରୀ ରନ୍ଧନ ଓ ଖାଦ୍ୟ ପରିବେଷଣ କରିବାକୁ ଇଚ୍ଛୁକ ଥିବେ ଓ ଅଙ୍ଗନୱାଡି କର୍ମୀ ଙ୍କୁ କେନ୍ଦ୍ର ର ଦୈନନ୍ଦିନ କାର୍ଯ୍ୟ ରେ ସାହାଯ୍ୟ କାରିପାରୁଥିବେ।

କିପରି ଆବେଦନ କରିବେ :-

୧। ଆବେଦନକାରୀ online ମାଧ୍ୟମରେ (http://engagement-awc.odisha.gov.in) ରେ (public login) ମାଧ୍ୟମରେ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ସମସ୍ତ ପ୍ରମାଣ ପତ୍ର ଗୁଡିକର ଅବିକଳ ନକଲ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ upload କରିବେ ।

୨। ଆବେଦନ କାରୀ:-

କ – ଜାତିଗତ ପ୍ରମାଣ ପତ୍ର ଓ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ୫ ବର୍ଷ ମଧ୍ୟରେ ତହସିଲଦାର ଙ୍କ ଦ୍ଵାରା ପ୍ରାପ୍ତ ହୋଇଥିବା ଆବଶ୍ୟକ ଓ online ମାଧ୍ୟମରେ upload କରିବା ଜରୁରୀ ଅଟେ ।

ଖ - ସମସ୍ତ ଶିକ୍ଷ୍ୟାଗତ ଯୋଗ୍ୟତା ର ପ୍ରମାଣ ପତ୍ର (Mark sheet ଓ Certificate) online ମାଧ୍ୟମରେ upload କରିବା ଜରୁରୀ ଅଟେ ।

ଗ- ବୟସ ର ପ୍ରମାଣ ପତ୍ର (ମାଟ୍ରିକ certificate) online ମାଧ୍ୟମରେ upload କରିବା ଜରୁରୀ ଅଟେ ।

ଘ- ବିଧବା (ସ୍ଵାମି ଙ୍କ death certificate) / ଅନାଥ (ସରକାରୀ ସିକୃତି ପ୍ରାପ୍ତ ଅନାଥ ଆଶ୍ରମ ରୁ ପ୍ରମାଣିତ)/ ସ୍ଵାମି ପରିତ୍ୟକ୍ତା / ଅସହୟା (ପ୍ରମାଣ ପତ୍ର) online ମାଧ୍ୟମରେ upload କରିବା ଜରୁରୀ ଅଟେ) । ଏହି ସବୁ online ମାଧ୍ୟମ ରେ upload କରିବେ ।

୩। ଆବେଦନକାରୀ ନିଜର ପାସପୋର୍ଟ ସାଇଜ ଫଟୋ ଓ ଦସ୍ତଖତ online ମାଧ୍ୟମ ରେ upload କରିବେ ।

ବିଜ୍ଞାପନ ରେ ଦର୍ଶାଯାଇଥିବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଜାତିଗତ /ଶିକ୍ଷ୍ୟାଗତ / ସ୍ଥାୟୀ ବାସିନ୍ଦା ସମ୍ବନ୍ଧୀୟ ଅଭିଯୋଗ ଅନଲାଇନ ମାଧ୍ୟମ ରେ upload କରିବେ ।

ବିଜ୍ଞାପନ ରେ ଦର୍ଶଯାଇଥିବା ଧାର୍ଯ୍ୟ ତାରିଖ ରେ ଶିଶୁ ବିକାଶ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଦିବା ୧୦ଘଟିକା ରେ ପ୍ରାର୍ଥିନୀ ମାନେ ନିଜ ନିଜ ର ମୂଳ ପ୍ରମାଣପତ୍ର ସହିତ ନିଜେ ଉପସ୍ଥିତ ରହି ଯାଞ୍ଚ କରାଇବେ । ଉକ୍ତ ଦିନ ଅନୁପସ୍ଥିତ ରହିଲେ ଦରଖାସ୍ତ କୁ ବିଚାର କୁ ନିଆଯିବ ନାହିଁ । ତତ ସହିତ କୌଣସି document ର copy online ବ୍ୟତିତ ଅନ୍ୟ କୌଣସି ପ୍ରକାର ରେ ଗ୍ରହଣ କରାଯିବ ନାହିଁ ।

ପ୍ରକାଶ ଥାଉ କି ନିମ୍ନସ୍ୱାକ୍ଷରକାରୀ ଯେ କୌଣସି ସମୟ ରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞପ୍ତି କୁ ଆଂଶିକ କିମ୍ବା ସମ୍ପୂର୍ଣ ଭାବେ ନାକଚ କରିପାରିବେ ।

ଉପରଲିଖିତ ଯୋଗ୍ୟତା ମାନ ଥାଇ ପ୍ରାର୍ଥିନୀ ଯଦି ଅନୁସୂଚିତ ଜାତି ଓ ଜନଜାତି / ବିଧବା /ଅନାଥ /ସ୍ୱାମି ପରିତ୍ୟକ୍ତା / ଅସହାୟ / ଅଧିକ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ହୋଇଥିବେ, ତେବେ ସେମାନ କୁ ସରକାର ଙ୍କ ନିୟମ ମୁତାବକ ଅତିରିକ୍ତ ମୂଲ୍ୟାଙ୍କନ ଦିଆଯିବ ।

ଆ: ସ୍ୱ: ୧୪/୧୦/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ତିର୍ତୋଲ

ପରିପତ୍ର ସଂଖ୍ୟା ୧୧୧୭ ତା : ୧୪/୧୦/୨୦୨୫

ଏହାର ଏକକିତା ନକଲ କାର୍ଯ୍ୟାଳୟ ର ନୋଟିସ ବୋଡ ରେ ଲଟକା କରାଗଲା । ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ /ମହିଳା ପରିଦର୍ଶିକା / ମହିଳା ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ପ୍ରେରଣ କରି ଏହାର ବହୁଳ ପ୍ରଚାର ନିମନ୍ତେ ଜଣାଇଦିଆଗଲା ।

ଆ: ସ୍ୱ: ୧୪/୧୦/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ତିର୍ତୋଲ

ପରିପତ୍ର ସଂଖ୍ୟା ୧୧୧୮ ତା : ୧୪/୧୦/୨୦୨୫

ଏହାର ଏକକିତା ନକଲ ସମ୍ପୃକ୍ତ ସରପଞ୍ଚ ଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପଞ୍ଚାୟତ ନୋଟିସ ବୋର୍ଡ ରେ ଲଟକା କରାଇବାପାଇଁ ଅନୁରୋଧ କରାଗଲା ।

ଆ: ସ୍ୱ: ୧୪/୧୦/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ତିର୍ତୋଲ

ପରିପତ୍ର ସଂଖ୍ୟା ୧୧୧୯ ତା : ୧୪/୧୦/୨୦୨୫

ଏହାର ଏକକିତା ନକଲ ମଣ୍ଡଳ ଉନ୍ନୟନ ଅଧିକାରୀ, ତିର୍ତୋଲ / ତହସିଲଦାର ,ତିର୍ତୋଲ / ସ୍ୱାସ୍ଥ୍ୟ ଅଧିକାରୀ ,ମଣିଜଙ୍ଗା /ବ୍ଲକ ଶିକ୍ଷା ଅଧିକାରୀ ,ତିର୍ତୋଲ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଆ: ସ୍ୱ: ୧୪/୧୦/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ତିର୍ତୋଲ

ପରିପତ୍ର ସଂଖ୍ୟା ୧୧୨୦ ତା : ୧୪/୧୦/୨୦୨୫

ଏହାର ଏକକିତା ନକଲ ଅଧକ୍ଷ୍ୟ / ଉପାଧକ୍ଷ୍ୟ ପଞ୍ଚାୟତ ସମିତି ତିର୍ତୋଲ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଆ: ସ୍ୱ: ୧୪/୧୦/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ତିର୍ତୋଲ

ପରିପତ୍ର ସଂଖ୍ୟା ୧୧୨୧ ତା : ୧୪/୧୦/୨୦୨୫

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ଜଗତସିଂହପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା। ।

ଆ: ସ୍ୱ: ୧୪/୧୦/୨୦୨୫

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ତିର୍ତୋଲ